ନରାଜରେ ହେବ ଶିକ୍ଷାସହର

ଭୁବନେଶ୍ୱର, ତା ୨୪।୪ (ଭୁ.ପ୍ର)– କଟକ ନିକଟବର୍ତ୍ତୀ ନରାଜଠାରେ 'ଶିକ୍ଷାସହର' ପ୍ରତିଷ୍ଠା କରିବା ପାଇଁ ଏକ ପ୍ରସ୍ତାବ ସରକାରଙ୍କ ସକ୍ରିୟ୍ ବିଚାରାଧୀନ ରହିଛି । ଓଡ଼ିଶାର ଶିଳ୍ପାୟନ ପାଇଁ ଆବଶ୍ୟକ ପଡୁଥିବା ବୈଷୟିକ ଏବଂ ବୈଜ୍ଞାନିକ ମାନବ ଶକ୍ତିର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଏଭଳି 'ଶିକ୍ଷା ସହର'ର ପରିକଳ୍ପନା କରାଯାଇଛି । ଘରୋଇ ବିଶ୍ୱବିଦ୍ୟାଳୟ୍ ବିଲ୍ ମାଧ୍ୟମରେ ଉଚ୍ଚଶିକ୍ଷା କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ନିମନ୍ତେ ସରକାର ମଧ୍ୟ ବ୍ୟାପକ ଯୋଜନା ପ୍ରସ୍ତୁତ କରୁଥିବା ଜଣାପଡ଼ିଛି ।

ନରାଜଠାରେ ଶ୍ରୀ ଶ୍ରୀ ରବିଶଙ୍କର ବିଶ୍ୱବିଦ୍ୟାଳୟ୍ ପ୍ରତିଷ୍ଠା ପାଇଁ ସରକାର ଆପାତତଃ ମଞ୍ଜୁରୀ ଦେଇସାରିଲେଣି । ନରାଜ ନିକଟରେ ମଧ୍ୟ ସିଆଇଏସଏଫର ଏକ ତାଲିମ କେନ୍ଦ୍ର ରହିଛି । ପୂର୍ବରୁ ଏଠାରେ ଏକ ଜାତୀୟ୍ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ନାଇସର ପ୍ରତିଷ୍ଠା ପ୍ରସ୍ତାବ ରହିଥିଲା । ଏବେ ତାହା ଖୋର୍ଦ୍ଧାକୁ ସ୍ଥାନାନ୍ତରିତ ହୋଇଛି । ଅପରପକ୍ଷରେ ଏଠାରେ ଅନେକ ବୈଷୟିକ ଓ ଶିକ୍ଷା ଅନୁଷ୍ଠାନ ଖୋଲିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

ଉଚ୍ଚଶିକ୍ଷା ବିଭାଗ ଶିକ୍ଷା ସହର ପାଇଁ ଇତିମଧ୍ୟରେ ନରାଜଠାରେ ୬୦୦ ରୁ ୭୦୦ ଏକର ଜମି ଚିହ୍ନଟ କରିସାରିଲେଣି । ଏହି ଜମି କାଠଯୋଡ଼ିର ଦୁଇପାଖରେ ରହିଛି । ଏହାଛଡ଼ା ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧୀନରେ ଦ୍ୱିତୀୟ୍ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ୧୫୦ ଏକର ଓ ଆଇନ ବିଶ୍ୱବିଦ୍ୟାଳୟ୍ ଲାଗି ୪୦ ଏକର ଜମି ଚିହ୍ନଟ କରାଯାଇ ସାରିଛି ।

ନରାଜର ଏହି ଶିକ୍ଷା ସହର ପ୍ରକଳ୍ପ କଟକ ପାଇଁ ବରଦାନ ସଦୃଶ ହେବ ବୋଲି ଶିକ୍ଷା ବିଶାରଦମାନେ ମତବ୍ୟକ୍ତ କରିଛନ୍ତି । ବିଭିନ୍ନ ସରକାରୀ ଦପ୍ତର କଟକରୁ ଉଠିଯିବା ପରେ କଟକ ଶ୍ରୀହୀନ ହୋଇଯାଇଛି ବୋଲି ଅନେକ ମତବ୍ୟକ୍ତ କରୁଥିଲେ । କିନ୍ତୁ ନରାଜଠାରେ ଶିକ୍ଷା ସହର ଗଢ଼ି ଉଠିବା ପରେ ହଜାର ବର୍ଷର ଐତିହ୍ୟ କଟକର ଆର୍ଥିକ ଅଭିବୃଦ୍ଧି ଦିଗରେ ମଧ୍ୟ ସହାୟକ ହୋଇପାରିବ ।

ଏହି ପ୍ରକଳ୍ପରେ ଉଚ୍ଚତର ଶିକ୍ଷା ସହ ପ୍ରେକ୍ଷାଳୟ୍, ଖେଳପଡ଼ିଆ, ଡାକ୍ତରଖାନା ମଧ୍ୟ ପ୍ରତିଷ୍ଠା କରାଯିବ ।

ଦ୍ୱିତୀୟ୍ରେ ଭୁବନେଶ୍ୱର ଓ କଟକ ମଝିରେ ନରାଜ ଥିବାରୁ କଟକ–ଭୁବନେଶ୍ୱର ଓ ନରାଜକୁ ନେଇ ଏକ ମହାନଗର ପରିକଳ୍ପନା ମଧ୍ୟ ସାକାର ହୋଇପାରିବ । ତେବେ ଏହି 'ଶିକ୍ଷା ସହର' ପ୍ରସ୍ତାବ ଏବେ ସରକାରଙ୍କ ସକ୍ରିୟ୍ ବିଚାରାଧୀନ ରହିଛି । ସରକାରଙ୍କ ଅନୁମୋଦନ ପରେ ଏହାର ବୃଡାନ୍ତ ରୂପରେଖ ପ୍ରସ୍ତୁତ ହେବ ବୋଲି ଜଣାପଡ଼ିଛି ।